# ଇକୋ-କ୍ଲବ, ଓଡ଼ିଶା

## (ନିୟମାବଳୀ)




ସେଣ୍ଟର ଫର୍ ଏନ୍‌ଭର୍ଣ୍ଣମେଣ୍ଟାଲ ଷ୍ଟଡିଜ୍ (ସି.ଇ.ଏସ୍)

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ

# ECO-CLUB SCHOOL CAMPUS




ଆମ ଇକୋ-କ୍ଲବ୍ ସରସ ସୁନ୍ଦର
ରଖିବା ତାହାକୁ ଆମେ ପରିଷ୍କାର



**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ**
**ଓଡିଶା ସରକାର**

**ଡ. ମୋନା ଶର୍ମା, ଆଇ.ଏ.ଏସ୍.**

# ବାର୍ତ୍ତା

ଛାତ୍ର-ଛାତ୍ରୀମାନଙ୍କୁ ପରିବେଶ ଶିକ୍ଷା ପ୍ରଦାନ କରିବା ତଥା ସେମାନଙ୍କ ମଧ୍ୟରେ ପରିବେଶ ସଚେତନତା ସୃଷ୍ଟି କରିବା ଏବଂ ପରିବେଶର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମରେ ତାଙ୍କୁ ଜଡ଼ିତ କରିବା ଉଦ୍ଦେଶ୍ୟରେ ଜାତୀୟ ସବୁଜ ବାହିନୀ ବା ଇକୋ-କ୍ଲବ୍ କାର୍ଯ୍ୟକ୍ରମ ୨୦୦୧-୦୨ ଆର୍ଥିକ ବର୍ଷଠାରୁ କାର୍ଯ୍ୟକାରୀ ହେଉଅଛି। ବର୍ଷ ବର୍ଷ ଧରି, ଇକୋ-କ୍ଲବ୍ କାର୍ଯ୍ୟକ୍ରମ ଯୁବପିଢ଼ି ଏବଂ ସମାଜରେ ପରିବେଶ ମନୋଭାବର ପରିବର୍ତ୍ତନ ଆଣିବାରେ ଅନେକ ସଫଳତା ଲାଭ କରିଛି ।

ବର୍ତ୍ତମାନ ରାଜ୍ୟରେ ବିଭିନ୍ନ ୟୁ.ଜି.ଏମ.ଇ., ଉଚ୍ଚ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୪,୨୫୦ ଇକୋ-କ୍ଲବ୍ କାର୍ଯ୍ୟ କରୁଛି। ଇକୋ-କ୍ଲବ୍ ସ୍କୁଲ୍‌ର ଛାତ୍ର-ଛାତ୍ରୀମାନେ ଆମର ଜୈବବିବିଧତାକୁ ସଂରକ୍ଷଣ କରିବା, ଆମର ମୂଲ୍ୟବାନ ପ୍ରାକୃତିକ ସମ୍ପଦର ଅବକ୍ଷୟ ରୋକିବା ଓ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସଚେତନତା ସୃଷ୍ଟି କରୁଛନ୍ତି ।

ମୁଁ ନିଶ୍ଚିତ ଯେ ଇକୋ-କ୍ଲବ୍ ସଦସ୍ୟମାନେ ପରିବେଶ ସଂରକ୍ଷଣ ଜନିତ ସକରାତ୍ମକ କାର୍ଯ୍ୟ ପାଇଁ ରାଷ୍ଟ୍ରଦୂତ ହେବେ। ପରିବେଶ ବିଷୟରେ ଅଧିକ ଜାଣିବା ଏବଂ ପ୍ରକୃତିର ସୁରକ୍ଷା ପାଇଁ ସେମାନେ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ରହିବେ। ଆମର ସମୃଦ୍ଧ ଇକୋସିଷ୍ଟମଗୁଡ଼ିକର ସଂରକ୍ଷଣ ଏବଂ ଏହାର ଉନ୍ନତି ପାଇଁ ସେମାନେ ଅନ୍ୟମାନଙ୍କୁ ମଧ୍ୟ ପ୍ରେରଣା ଦେବେ ।

ମୁଁ ଆଶା କରୁଛି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନରେ ଥିବା ସେଣ୍ଟର ପର୍ ଏନଭର୍ଣ୍ଣମେଣ୍ଟାଲ ଷ୍ଟଡିଜ୍ ଦ୍ୱାରା ପ୍ରକାଶିତ ଏହି **"ଇକୋ-କ୍ଲବ ଗାଇଡଲାଇନ"** ସମସ୍ତ ଇକୋ-କ୍ଲବର ଛାତ୍ର-ଛାତ୍ରୀ ଓ ଶିକ୍ଷକ-ଶିକ୍ଷୟତ୍ରୀଙ୍କୁ ସେମାନଙ୍କ ପରିବେଶଭିତ୍ତିକ କାର୍ଯ୍ୟକଳାପକୁ ସୁଦୃଢ଼ କରିବାରେ ସହାୟକ ହେବ ।

ଶୁଭେଚ୍ଛା ।

(ଡ. ମୋନା ଶର୍ମା)

# GREEN PLEDGE





**ଶ୍ରୀ ରାଜୀବ କୁମାର,** ଆଇ.ଏଫ୍.ଏସ୍
**ନିର୍ଦ୍ଦେଶକ,** ସେଣ୍ଟର ଫର୍ ଏନ୍‌ଭର୍ଣ୍ଣମେଣ୍ଟାଲ ଷ୍ଟଡିଜ୍
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର

# ବାର୍ତ୍ତା

ଦେଶର ଭବିଷ୍ୟତ ଛାତ୍ରଛାତ୍ରୀମାନଙ୍କୁ ପରିବେଶ ତଥା ତତ୍‌ସମ୍ପର୍କୀୟ ସମସ୍ୟା ବିଷୟରେ ସଚେତନ କରାଇବା ଓ ପରିବେଶ ବିକାଶ କ୍ଷେତ୍ରରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ଅଂଶ ଗ୍ରହଣ ପାଇଁ ସୁଯୋଗ ସୃଷ୍ଟି କରିବାର ଲକ୍ଷ୍ୟନେଇ ଭାରତ ସରକାର ଏବଂ ଓଡ଼ିଶା ରାଜ୍ୟ ସରକାରଙ୍କର ମିଳିତ ଆନୁକୂଲ୍ୟରେ ଗଠିତ ଜାତୀୟ ସବୁଜ ବାହିନୀ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ପରିବେଶ ସୁରକ୍ଷାର ଏହି ଅଭିଯାନକୁ ବାସ୍ତବିକ୍ ରୂପରେଖ ଦେବା ପାଇଁ ବିଦ୍ୟାଳୟ ମାନଙ୍କରେ ଇକୋ-କ୍ଲବ ଗଠନ କରାଯାଇଅଛି।

ସେଣ୍ଟର ଫର୍ ଏନ୍‌ଭର୍ଣ୍ଣମେଣ୍ଟାଲ ଷ୍ଟଡିଜ୍ ଦ୍ୱାରା ଏହି **ନିୟମାବଳୀର** ସମୟୋପଯୋଗୀ ପ୍ରକାଶନ ଇକୋ-କ୍ଲବ କାର୍ଯ୍ୟକ୍ରମ ପରିଚାଳନା କରିବାରେ ବିଶେଷ ସହାୟକ ହେବ।

ମୁଁ ଆଶାକରେ ଏହି ନିୟମାବଳୀକୁ ଆଧାର କରି ଇକୋ-କ୍ଲବ ଗୁଡ଼ିକ ଅନେକ ପରିବେଶଭିତ୍ତିକ କାର୍ଯ୍ୟକ୍ରମକରି ସଫଳତା ହାସଲ କରିବା ସହିତ ରାଜ୍ୟର ପରିବେଶ ଉନ୍ନତିରେ ସାହାଯ୍ୟ କରିବେ।

ରାଜୀବ କୁମାର

(ରାଜୀବ କୁମାର)

# ସୂଚୀପତ୍ର


| କ୍ର.ନଂ. | ବିଷୟ | ପୃଷ୍ଠା |
|---|---|---|
| ୧. | ଉପକ୍ରମ | ୦୫ |
| ୨. | ଲକ୍ଷ୍ୟାବଳୀ | ୦୬ |
| ୩. | ପରିବ୍ୟାପ୍ତି | ୦୬ |
| ୪. | ସଭ୍ୟ ଗ୍ରହଣ | ୦୬ |
| ୫. | ପ୍ରଣାଳୀ | ୦୬ |
| ୬. | ଇକୋକ୍ଲବ୍‌ର କାର୍ଯ୍ୟକ୍ରମ | ୦୮ |
| ୭. | ରାଜ୍ୟ ନୋଡାଲ୍ ଏଜେନ୍ସୀର ଭୂମିକା | ୦୯ |
| ୮. | ରାଜ୍ୟ ପରିଚାଳନା କମିଟିର ଗଠନ | ୦୯ |
| ୯. | ରାଜ୍ୟ ପରିଚାଳନା କମିଟିର ଭୂମିକା | ୧୦ |
| ୧୦. | ଜିଲ୍ଲା କାର୍ଯ୍ୟକାରିଣୀ ଓ ତଦାରଖ କମିଟିର ଗଠନ | ୧୦ |
| ୧୧. | ଜିଲ୍ଲା କାର୍ଯ୍ୟକାରିଣୀ ଓ ତଦାରଖ କମିଟିର ଭୂମିକା | ୧୦ |
| ୧୨. | ମାର୍ଗଦର୍ଶକ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଭୂମିକା | ୧୧ |
| ୧୩. | ମାର୍ଗଦର୍ଶକ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଦାୟିତ୍ୱ | ୧୧ |
| ୧୪. | Annual Report Format for DIMC | ୧୨ |
| ୧୫. | Annual Report Format for Eco-Club | ୧୩ |
| ୧୬. | Eco-Club Monitoring Format | ୧୫ |
| ୧୭. | Photographs of different activities | ୧୬ |
| ୧୮. | Important Days for Celebrations by Eco-clubs | ୧୭ |



# ଜାତୀୟ ସବୁଜ ବାହିନୀ

ଜାତୀୟ ସବୁଜ ବାହିନୀ (ଇକୋ-କ୍ଲବ)ର ମୂଳ ଲକ୍ଷ୍ୟ ହେଲା ଛାତ୍ରଛାତ୍ରୀମାନଙ୍କ ଭିତରେ ପରିବେଶ ସଚେତନତା ସୃଷ୍ଟି କରିବା ଏବଂ ପରିବେଶର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରିବା। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପରିବେଶ ମନ୍ତ୍ରୀ, ଶାସନ ସଚିବ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧ୍ୟକ୍ଷମାନଙ୍କର ଆନୁକୂଲ୍ୟରେ କୋଏମ୍ବାଟୁରଠାରେ ହୋଇଥିବା ସମ୍ମିଳିନୀ (ଜାନୁୟାରୀ ୨୯-୩୦, ୨୦୦୧) ରେ ସବୁଜ ବାହିନୀ କାର୍ଯ୍ୟକ୍ରମକୁ ସମଗ୍ର ଭାରତ ବର୍ଷରେ ଲାଗୁ କରିବାର ଯୋଜନା କରାଯାଇଥିଲା। ଭାରତ ସରକାର ଏହି କାର୍ଯ୍ୟକ୍ରମ ଏବେ ସାରା ଦେଶରେ ଆରମ୍ଭ କରିଛନ୍ତି।

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ, ୫ ଜୁନ୍ ୨୦୦୧ରେ ବିଶ୍ୱ ପରିବେଶ ଦିବସ ପାଳନ ଉତ୍ସବରେ ଆମ ରାଜ୍ୟରେ ଜାତୀୟ ସବୁଜ ବାହିନୀ ଗଠନ କରିବା ବିଷୟ ଘୋଷଣା କରିଥିଲେ। ଓଡିଶା ସରକାରଙ୍କର ପରିବେଶ ବିଭାଗ ଅଧୀନସ୍ଥ **'ସେଣ୍ଟର ଫର୍ ଏନ୍‌ଭର୍ଣ୍ଣମେଣ୍ଟାଲ ଷ୍ଟଡିଜ୍'** ରାଜ୍ୟ ସ୍ତରରେ ଏହି କାର୍ଯ୍ୟକ୍ରମର ନୋଡାଲ ଏଜେନ୍‌ସି ଭାବରେ କାମ କରିଆସୁଅଛି। ଓଡିଶାର ପ୍ରଥମ ପର୍ଯ୍ୟାୟରେ ଜିଲ୍ଲା ପ୍ରତି ୧୦୦ଟି ଲେଖାଏଁ ଶିକ୍ଷାନୁଷ୍ଠାନରେ ଇକୋକ୍ଲବ ଗଠନ କରାଯାଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଆଉ ଏହାକୁ ଜିଲ୍ଲା ପ୍ରତି ୧୫୦ଟି ବୃଦ୍ଧି କରାଗଲା। ଆର୍ଥିକ ବର୍ଷ ୨୦୧୧-୧୨ରେ ରାଜ୍ୟ ସରକାରଙ୍କ ତରଫରୁ ୨୦୦୦ଟି ନୂଆ ଇକୋକ୍ଲବ ଗଠନ କରାଯାଇଛି। ଏହିପରି ଆମ ରାଜ୍ୟରେ ୧୪୨୫୦ଟି ଇକୋକ୍ଲବ୍ ଗଠନ କରାଯାଇଛି।

## ଲକ୍ଷ୍ୟାବଳୀ :

- ପରିବେଶ ଓ ତାହା ସମ୍ପର୍କିତ ସମସ୍ୟା ବିଷୟରେ ପିଲାମାନଙ୍କୁ ସଚେତନ କରାଇବା।
- ପରିବେଶ ଶିକ୍ଷା ପାଇଁ ସ୍କୁଲ ଛାତ୍ରଛାତ୍ରୀଙ୍କୁ ସୁଯୋଗ ଯୋଗାଇବା।
- ପରିବେଶ ଓ ବିକାଶ ସମ୍ପର୍କିତ ନିଷ୍ପତ୍ତି ନେବାରେ ପିଲାମାନଙ୍କର ଅଂଶଗ୍ରହଣ ପାଇଁ ସୁଯୋଗ ଆଣିବା।
- ନିଜର ସମାଜକୁ ପ୍ରଭାବିତ କରୁଥିବା ପରିବେଶ ସମ୍ବନ୍ଧୀୟ ସମସ୍ୟା ସମ୍ପର୍କରେ ପିଲାମାନଙ୍କୁ ଅବଗତ କରିବା ଏବଂ ସେ ସବୁର ସମାଧାନ ଖୋଜିବା ପାଇଁ ତାଙ୍କୁ ଉତ୍ସାହିତ କରିବା।
- ନିଜର ଚାରିପାଖର ପରିବେଶ ସମ୍ପର୍କିତ କାର୍ଯ୍ୟକ୍ରମରେ ପିଲାଙ୍କୁ ସକ୍ରିୟ ଭାବରେ ଯୋଡ଼ିବା।

## ପରିବ୍ୟାପ୍ତି :

ଏହା ସମଗ୍ର ଭାରତ ବର୍ଷର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କାର୍ଯ୍ୟକାରୀ କରାଯାଇଛି।

## ସଭ୍ୟ ଗ୍ରହଣ :

- ପ୍ରଥମ ପର୍ଯ୍ୟାୟରେ ଦେଶର ପ୍ରତି ଜିଲ୍ଲାରୁ ୧୦୦ଟି ଶିକ୍ଷାନୁଷ୍ଠାନରେ ଜାତୀୟ ସବୁଜ ବାହିନୀ ଦଳ ଗଠନ କରାଯାଇଥିଲା। ୨୦୦୬-୦୭ ଶିକ୍ଷା ବର୍ଷଠାରୁ ଅଧିକ ୧୫୦ଟି ଶିକ୍ଷାନୁଷ୍ଠାନ ମଧ୍ୟ ଏଥିରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଇଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ତରଫରୁ ୨୦୦୦ଟି ଶିକ୍ଷାନୁଷ୍ଠାନ ଅଂଶ ଗ୍ରହଣ କରିବାର ସୁଯୋଗ ପାଇଛନ୍ତି। ପରବର୍ତ୍ତୀ ସମୟରେ ଅଧିକ ଇକୋ କ୍ଲବ୍ ଗଠନ କରାଯାଇଅଛି।
- ଏଥିମଧ୍ୟରେ ସମସ୍ତ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ଏବଂ CBSE ଓ ICSE ପାଠ୍ୟକ୍ରମରେ ପ୍ରଚଳିତ ବିଦ୍ୟାଳୟ ତଥା ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଗୁଡିକର ଛାତ୍ରଛାତ୍ରୀ ମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି।

## ପ୍ରଣାଳୀ :

- ସ୍କୁଲମାନଙ୍କରୁ ବଛାଯାଇଥିବା ସଭ୍ୟମାନଙ୍କୁ ନେଇ ଗଠିତ ଇକୋ କ୍ଲବ ଜରିଆରେ ଏହି ଯୋଜନାଟି କାର୍ଯ୍ୟକାରୀ ହେଉଛି।
- ପ୍ରତ୍ୟେକ ଇକୋକ୍ଲବ୍‌ରେ ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ବିଦ୍ୟାଳୟର ପଞ୍ଚମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଏବଂ କଲେଜରେ ପଢୁଥିବା ୩୦ରୁ ୫୦ ଜଣ ଆଗ୍ରହୀ ଓ ପରିବେଶପ୍ରେମୀ ଛାତ୍ରଛାତ୍ରୀ ସଭ୍ୟ ହୋଇପାରିବେ।

- ଇକୋ କ୍ଲବ ଦାୟିତ୍ୱରେ ସଂପୃକ୍ତ ବିଦ୍ୟାଳୟର ଶିକ୍ଷକ / ଶିକ୍ଷୟତ୍ରୀମାନଙ୍କ ମଧ୍ୟରୁ ପରିବେଶଭିତ୍ତିକ କାର୍ଯ୍ୟକ୍ରମରେ ଆଗ୍ରହୀ ଜଣେ ଶିକ୍ଷକ / ଶିକ୍ଷୟତ୍ରୀ ମାର୍ଗ ଦର୍ଶକ / ମାର୍ଗ ଦର୍ଶିକା ଭାବେ ଦାୟିତ୍ୱ ତୁଲାଇବେ।
- ପ୍ରତି ଇକୋ କ୍ଲବକୁ ପରିବେଶ ଓ ପ୍ରଦୂଷଣର ବିଭିନ୍ନ ଦିଗ, ପରିବେଶ ନୀତି ଓ ନିୟମ ଏବଂ ଓଡିଶାର ପରିବେଶ ସଂପର୍କରେ ସମ୍ୟକ୍ ଧାରଣା ଦେବା ପାଇଁ ସହାୟକ ପୁସ୍ତିକା ସହ ବିଭିନ୍ନ ପରିବେଶ ଭିତ୍ତିକ କାର୍ଯ୍ୟକ୍ରମ ଗୁଡିକୁ ବାସ୍ତବ ରୂପ ଦେବା ନିମନ୍ତେ ୨୦୦୫-୨୦୦୬ ବର୍ଷରୁ ବିଦ୍ୟାଳୟ ପିଛା ଦୁଇ ହଜାର ପାଞ୍ଚଶହ ଟଙ୍କା ଲେଖାଏଁ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯାଉଅଛି। ବର୍ତ୍ତମାନ ୨୦୦୦ ଇକୋ-କ୍ଲବ୍‌କୁ ୨୫୦୦ଟଙ୍କା ଓ ଅନ୍ୟ ସମସ୍ତ ୧୨୨୫୦ ଇକୋ-କ୍ଲବ୍‌କୁ ୫୦୦୦ଟଙ୍କା ଲେଖାଏଁ ବାର୍ଷିକ ଅନୁଦାନ ଦିଆଯାଉଛି।
- ସ୍କୁଲ ପିଲାଙ୍କର ବିଶେଷ ସ୍ଥିତିର ଉପଯୋଗ କରି ସାରା ସମାଜରେ ସଚେତନ ଆଣିବା।
- ପ୍ରତି ଜିଲ୍ଲାର ଇକୋ କ୍ଲବର କାର୍ଯ୍ୟକ୍ରମ ଗୁଡିକୁ ପର୍ଯ୍ୟବେକ୍ଷଣ କରିବା, ମାର୍ଗ ଦର୍ଶକ ଶିକ୍ଷକ / ଶିକ୍ଷୟତ୍ରୀମାନଙ୍କ ପାଇଁ ତାଲିମ ପ୍ରଦାନ କାର୍ଯ୍ୟକ୍ରମକୁ ପରିଚାଳନା କରିବା ଏବଂ ନିୟମିତ ବ୍ୟବଧାନରେ କାର୍ଯ୍ୟଖସଡାକୁ କାର୍ଯ୍ୟରେ ପରିଣତ କରିବା ନିମନ୍ତେ ଜିଲ୍ଲା କାର୍ଯ୍ୟକାରିଣୀ ଓ ତଦାରଖ କମିଟି ଗଠନ କରାଯାଇଛି।
- ରାଜ୍ୟସ୍ତରୀୟ କାର୍ଯ୍ୟକାରୀ କମିଟି ଏହି କାର୍ଯ୍ୟକ୍ରମ ଗୁଡିକ ତ୍ୱରାନ୍ୱିତ କରିବା ପାଇଁ ମଧ୍ୟ ଗଠିତ ହୋଇଛି।
- ରାଜ୍ୟରେ ଏକ ନୋଡାଲ୍ ଏଜେନ୍‌ସି (ସେଣ୍ଟର ଫର ଏନ୍‌ଭର୍ଣ୍ଣମେଣ୍ଟାଲ ଷ୍ଟଡିଜ୍) ମାଧ୍ୟମରେ ଏହି କାର୍ଯ୍ୟକ୍ରମ ସଂଯୋଜିତ ହେଉଅଛି।
- ଏହି ଏଜେନ୍‌ସି ମାଷ୍ଟର ଟ୍ରେନରମାନଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରିବାର ସମସ୍ତ ବ୍ୟବସ୍ଥା କରିବ।
- ଜାତୀୟ କାର୍ଯ୍ୟକାରୀ କମିଟି ଗଠନ କରାଯାଇଅଛି। ଏହି କମିଟି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ନିର୍ଦ୍ଦେଶ ଦେବା ସହ ସମସ୍ତ ସ୍ତରରେ ସମନ୍ୱୟ ରକ୍ଷାକରିବ ବା ଯୋଗସୂତ୍ର ସ୍ଥାପନ କରିବ।

## ଇକୋକ୍ଲବର କାର୍ଯ୍ୟକ୍ରମ :

ଇକୋକ୍ଲବ୍ ପାଇଁ କିଛି କାର୍ଯ୍ୟକ୍ରମ ନିମ୍ନରେ ଦିଆଗଲା। ଏହା ବ୍ୟତୀତ ଇକୋକ୍ଲବ୍ ମଧ୍ୟ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରିପାରିବେ।

❖ ଅନୁଷ୍ଠାନରେ ପରିବେଶ ଆଲୋଚନା ଚକ୍ର, ତର୍କ, ଭାଷଣ ଆଦିର ଆୟୋଜନ କରିବା।

❖ ପରିବେଶ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ପ୍ରଦୂଷିତ ଓ କ୍ଷୟପ୍ରାପ୍ତ ଅଞ୍ଚଳ, ବନ୍ୟପ୍ରାଣୀ ଆବାସ ଆଦିକୁ ପରିଭ୍ରମଣରେ ଯିବା।

❖ ପରିବେଶ ସଚେତନତାର ପ୍ରସାର ପାଇଁ ପଦଯାତ୍ରା, ମାନବ ଶୃଙ୍ଖଳ, ସର୍ବସାଧାରଣ ସ୍ଥାନରେ ପଥପ୍ରାନ୍ତ ନାଟକ ଆଦି ଆୟୋଜନ କରିବା।

❖ ବୃକ୍ଷରୋପଣ, ସ୍କୁଲ ହତା ଓ ବାହାରେ ସଫେଇ ଅଭିଯାନ ଭଳି କାର୍ଯ୍ୟକ୍ରମ ହାତକୁ ନେବା।

❖ ପରିବା ବଗିଚା, ଜିଆଚାଷ, ଜଳଅମଳ, କାଗଜ ପୁନଃବିନିଯୋଗ ପ୍ରକଳ୍ପ ଆଦି ଚଳାଇବା।

❖ ପ୍ରଦୂଷଣ ଉତ୍ସଗୁଡିକର ତାଲିକା କରି ନିୟନ୍ତ୍ରଣ ସଂସ୍ଥାକୁ ପଠାଇବା।

❖ ସ୍କୁଲ ଭିତରେ ଓ ବାହାରେ ପାର୍କ, ବଗିଚା ଭଳି ବିଭିନ୍ନ ସର୍ବସାଧାରଣ ସ୍ଥାନର ଯତ୍ନନେବା।

❖ ଏଣେତେଣେ ଅଳିଆ ଜମାଇବା, ଡାକ୍ତରଖାନାର ଅଳିଆକୁ ବାହାରେ ଫୋପାଡିଦେବା ଭଳି ପରିବେଶର କ୍ଷତିକଲା ଭଳି କାମ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରାଇବା।

❖ ମୃତ୍ତିକା ଜଳ ଓ ବାୟୁର ଗୁଣ  ବିଷୟରେ ପରୀକ୍ଷା କରିବେ ଓ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ଜାଣିବା ପାଇଁ ଅଧ୍ୟୟନ କରିବେ।

❖ କୃତ୍ରିମ ରାସାୟନିକ ରଙ୍ଗ ପରିବର୍ତ୍ତେ, ପ୍ରାକୃତିକ ରଙ୍ଗ ତିଆରି ବିଷୟରେ ଜ୍ଞାନ ସଂଗ୍ରହ କରିବା।

❖ ନିକଟସ୍ଥ ପାର୍କ, ଚିଡିଆଖାନା, ପ୍ରାଣୀ ଉଦ୍ୟାନ ଓ ଉଦ୍ଭିଦ ଉଦ୍ୟାନ ମାନଙ୍କର ଆଗନ୍ତୁକଙ୍କୁ ମାର୍ଗ ଦର୍ଶକ ଭାବେ ସାହାଯ୍ୟ କରିବା।

❖ ନିଜ ଶିକ୍ଷାନୁଷ୍ଠାନ ପରିସରରେ ବଗିଚା କରିବା, ତାର ଯତ୍ନନେବା ଓ ମଞ୍ଜି ବ୍ୟାଙ୍କ କରିବା।

❖ ଚାରା ସୃଷ୍ଟି କରିବା, ନିଜ ଅନୁଷ୍ଠାନ ପରିସର ଏବଂ ବାହାରେ ବୃକ୍ଷରୋପଣ କରିବା।

❖ ଛୋଟ ଛୋଟ ପରିବେଶ ସଂପର୍କିତ ପ୍ରୋଜେକ୍ଟ ତିଆରି କରିବା।

- ❖ ବିଭିନ୍ନ ପ୍ରଦର୍ଶନୀ ଆୟୋଜନ କରିବା ଓ ପିଲାମାନଙ୍କୁ ଭାଗନେବାକୁ ଉତ୍ସାହ ଦେବା।
- ❖ ପ୍ଲାଷ୍ଟିକ, ବିଦ୍ୟୁତ ଶକ୍ତି ଓ ରାସାୟନିକସାର ଉପରେ ବିଭିନ୍ନ ତଥ୍ୟ ସଂଗ୍ରହ କରିବା ଓ ବିଭିନ୍ନ ପ୍ରୋଜେକ୍ଟ ମାଧ୍ୟମରେ ଏହାର ହ୍ରାସ ଉପରେ ସଚେତନତା ସୃଷ୍ଟି କରିବା।
- ❖ ପରିବେଶ ସଂପର୍କିତ ବିଭିନ୍ନ ଦିବସକୁ ପାଳନ କରି ଲୋକମାନଙ୍କୁ ସଚେତନ କରିବା।
- ❖ ନିଜ ଶିକ୍ଷାନୁଷ୍ଠାନକୁ ପରିବେଶ ବନ୍ଧୁ ଅନୁଷ୍ଠାନ ସାବ୍ୟସ୍ତ କରିବା।

## ରାଜ୍ୟ ନୋଡାଲ ଏଜେନ୍ସିର ଭୂମିକା :

- ❖ ଏକ ନୋଡାଲ ଅଧିକାରୀଙ୍କୁ ନିଯୁକ୍ତି ଦେବା।
- ❖ ଇକୋକ୍ଲବ୍ ଗଠନ ପାଇଁ ଜିଲ୍ଲା କମିଟି ସହ ସହଯୋଗ କରିବା।
- ❖ ଇକୋକ୍ଲବ୍ ପାଇଁ ସାଧନ ପୁସ୍ତିକା ପ୍ରକାଶନ କରିବା।
- ❖ ମାଷ୍ଟର ଟ୍ରେନରମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରିବା।
- ❖ ମାର୍ଗଦର୍ଶକ ଶିକ୍ଷକମାନଙ୍କ ତାଲିମ ପାଇଁ ଜିଲ୍ଲା କମିଟି ସହ ସହଯୋଗ କରିବା।
- ❖ ଇକୋକ୍ଲବମାନଙ୍କୁ ଆର୍ଥିକ ସହାୟତା ଓ ସାଧନା ପୁସ୍ତିକା ଯୋଗାଇବା ସୁନିଶ୍ଚିତ କରାଇବା।
- ❖ ପ୍ରତ୍ୟେକ କ୍ୱାର୍ଟରରେ ଜିଲ୍ଲା କମିଟିଠାରୁ ପ୍ରଦତ୍ତ ଫର୍ମରେ ଇକୋକ୍ଲବର ବିବରଣୀକୁ ସଂପାଦିତ କରି କେନ୍ଦ୍ର ନୋଡାଲ ଅଧିକାରୀଙ୍କୁ ପଠାଇବା।
- ❖ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ସୁଦୂରପ୍ରସାରୀ କରିବା ପାଇଁ ଚେଷ୍ଟା କରିବା।

## ରାଜ୍ୟ ପରିଚାଳନା କମିଟିର ଗଠନ :

| | | |
|---|---|---|
| ୧. | ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସଚିବ | ଅଧ୍ୟକ୍ଷ |
| ୨. | ରାଜ୍ୟ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ସହଯୋଗୀ ବିଭାଗମାନଙ୍କର ସଚିବ | ସଭ୍ୟ |
| ୩. | ନିର୍ଦ୍ଦେଶକ, ପରିବେଶ ତଥା ସ୍ୱତନ୍ତ୍ର ଶାସନ ସଚିବ | ସଭ୍ୟ |
| ୪. | ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା | ସଭ୍ୟ |
| ୫. | ସଚିବ, ରେଡ଼କ୍ରସ ସୋସାଇଟି, ଭୁବନେଶ୍ୱର | ସଭ୍ୟ |
| ୬. | ରାଜ୍ୟ ସଂଯୋଜକ, ଭାରତ ଜ୍ଞାନ ବିଜ୍ଞାନ ସମିତି, ଭୁବନେଶ୍ୱର | ସଭ୍ୟ |
| ୭. | ପରିବେଶ ଉପରେ କାର୍ଯ୍ୟ କରୁଥିବା ଦୁଇଟି ସ୍ୱେଚ୍ଛାସେବୀ ସଂସ୍ଥା | ସଭ୍ୟ |
| ୮. | ନିର୍ଦ୍ଦେଶକ / କାର୍ଯ୍ୟକ୍ରମ ଅଧିକାରୀ ସେଣ୍ଟର ଫର ଏନଭର୍ଣ୍ଣମେଣ୍ଟାଲ ଷ୍ଟଡିଜ୍ | ଆବାହକ |

## ରାଜ୍ୟ ପରିଚାଳନା କମିଟିର ଭୂମିକା :

- ଏହି କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିଣୀ ପାଇଁ ସମନ୍ୱୟ କରିବା।
- ଅନ୍ୟାନ୍ୟ ସରକାରୀ ସଂସ୍ଥାମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରିବା।
- ଏହି କାର୍ଯ୍ୟକ୍ରମର ସମୀକ୍ଷାକରିବା ଏବଂ ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମପାଇଁ ସୂଚନା ଦେବା।
- ଏହି କାର୍ଯ୍ୟକ୍ରମରେ ସର୍ବୋତ୍ତମ ଜିଲ୍ଲା କିମ୍ବା ଇକୋକ୍ଲବକୁ ପ୍ରୋତ୍ସାହନ ଦେବା ଏବଂ ଅନ୍ୟାନ୍ୟ ଇକୋକ୍ଲବମାନଙ୍କୁ ସେ ଅନୁସାରେ କାର୍ଯ୍ୟକରିବା ପାଇଁ ପ୍ରବର୍ତ୍ତାଇବା।

## ଜିଲ୍ଲା କାର୍ଯ୍ୟକାରିଣୀ ଓ ତଦାରଖ କମିଟିର ଗଠନ :

| | | |
|---|---|---|
| ୧. | ଜିଲ୍ଲାପାଳ | ଅଧ୍ୟକ୍ଷ |
| ୨. | ପାଞ୍ଚଟି ବଛା ହୋଇଥିବା ସ୍କୁଲର ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ | ସଭ୍ୟ |
| ୩. | ଜିଲ୍ଲା କଲ୍ୟାଣ ଅଧିକାରୀ | ସଭ୍ୟ |
| ୪. | ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ / ରସାୟନ ବିଜ୍ଞାନର ଜଣେ ଅଧ୍ୟାପକ | ସଭ୍ୟ |
| ୫. | ପରିବେଶ ଭାବାପନ୍ନ ଦୁଇଜଣ ବ୍ୟକ୍ତି ଓ ପରିବେଶ ଭିତ୍ତିକ କାର୍ଯ୍ୟକ୍ରମରେ ସାମିଲ ହେଉଥିବା ଦୁଇଟି ବେସରକାରୀ ସ୍ୱେଚ୍ଛାସେବୀ ସଂସ୍ଥାର ମୁଖ୍ୟ (ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ) | ସଭ୍ୟ |
| ୬. | ଜିଲ୍ଲା ଶିକ୍ଷା ଅଧିକାରୀ | ଉପ-ଆବାହକ |
| ୭. | ବନ ସଂରକ୍ଷକ/ ଜିଲ୍ଲା ଜଙ୍ଗଲ ଅଧିକାରୀ / ପ୍ରକଳ୍ପ ଅଧିକାରୀ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା | ଆବାହକ |

## ଜିଲ୍ଲା କାର୍ଯ୍ୟକାରିଣୀ ଓ ତଦାରଖ କମିଟିର ଭୂମିକା :

- ରାଜ୍ୟ ନୋଡାଲ ଏଜେନ୍ସି ସହ ଆଲୋଚନା କରି ସଭ୍ୟ ସ୍କୁଲମାନଙ୍କୁ ଚିହ୍ନଟ କରିବା।
- ଏହି କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷଭାବେ ଭାଗନେବା ପାଇଁ ସ୍କୁଲର ମୁଖ୍ୟମାନଙ୍କୁ ପ୍ରବର୍ତ୍ତାଇବା।
- ମାଷ୍ଟର ଟ୍ରେନର ବାଛିବା ଓ ତାଙ୍କୁ ରାଜ୍ୟ ନୋଡାଲ ଏଜେନ୍ସି ଦ୍ୱାରା ଆୟୋଜିତ ତାଲିମ ପାଇଁ ପଠାଇବା।
- ମାର୍ଗଦର୍ଶକ ଶିକ୍ଷକମାନଙ୍କୁ ସେମାନଙ୍କର ପ୍ରଧାନ ଶିକ୍ଷକଙ୍କ ସହ ପରାମର୍ଶ କରି ବାଛିବା ଓ ସେମାନଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା କରିବା।
- ସହାୟକ ସାଧନଗୁଡ଼ିକ ମାର୍ଗଦର୍ଶକ ଶିକ୍ଷକଙ୍କୁ ତାଲିମ ଦେବା ସମୟରେ ବଣ୍ଟନ କରିବା।

- ❖ ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ କରିବା ନିମନ୍ତେ କାର୍ଯ୍ୟଖସଡା ପ୍ରସ୍ତୁତ କରିବା ଓ ତାହାର ଆୟୋଜନ କରିବା।
- ❖ ଜିଲ୍ଲାରେ ଥିବା ସମସ୍ତ ଇକୋକ୍ଲବ କାର୍ଯ୍ୟଗୁଡିକୁ ପ୍ରୟୋଗ ଦିଗରେ ଯତ୍ନବାନ ହେବା।
- ❖ ପ୍ରଦତ୍ତ ଫର୍ମରେ ଜିଲ୍ଲାର ତଥା ବିଭିନ୍ନ ବିଦ୍ୟାଳୟର ସଂପନ୍ନ କାର୍ଯ୍ୟକ୍ରମର ସଂପର୍କରେ ରାଜ୍ୟ ନୋଡାଲ ଏଜେନ୍‌ସିକୁ ଅବଗତ କରାଇବା।
- ❖ ୧୦ରୁ ୧୫ଟି ସ୍କୁଲ ପାଇଁ ଜଣେ ଲେଖାଏଁ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦେବା ଏବଂ ତାଙ୍କର ରିପୋର୍ଟକୁ ନେଇ ପର୍ଯ୍ୟାଲୋଚନା କରାଇବା।
- ❖ ନିର୍ଦ୍ଦିଷ୍ଟ ଫର୍ମରେ କାର୍ଯ୍ୟକ୍ରମ ରିପୋର୍ଟ ନୋଡାଲ ଏଜେନ୍‌ସିଙ୍କ ନିକଟରେ ପଇଠ କରିବା।

## ମାର୍ଗ ଦର୍ଶକ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଭୂମିକା :

ଇକୋ କ୍ଲବ ଯୋଜନାର ସଫଳ ରୂପାୟନ ପାଇଁ ଦାୟିତ୍ୱରେ ଥିବା ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଇକୋ କ୍ଲବରେ ସଭ୍ୟ ହେବା ନିମନ୍ତେ ସେ ପିଲାମାନଙ୍କୁ ଉତ୍ସାହିତ କରିବେ ଏବଂ ନିଜସ୍ଥାନ ପାଇଁ ଉପଯୋଗୀ ମନଛୁଆଁ କାର୍ଯ୍ୟକ୍ରମ ସବୁର ଆୟୋଜନ କରିବେ।

## ମାର୍ଗଦର୍ଶକ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଦାୟିତ୍ୱ :

- ❖ ପ୍ରତି ସପ୍ତାହରେ ଇକୋକ୍ଲବର ସଦସ୍ୟମାନଙ୍କୁ ଅନ୍ତତଃ ଘଣ୍ଟାକ ପାଇଁ ଏକାଠି କରି କିଛି କାର୍ଯ୍ୟକ୍ରମ କରାଇବା।
- ❖ ଆସନ୍ତା ସପ୍ତାହ ଗୁଡିକରେ ନୂଆ କାର୍ଯ୍ୟକ୍ରମ ବିଷୟରେ ଚିନ୍ତା କରିବା ପାଇଁ ପିଲାମାନଙ୍କୁ ଉତ୍ସାହିତ କରିବା ଓ ସେହି କାର୍ଯ୍ୟକ୍ରମ ସବୁର ତାଲିକା କରି ପ୍ରଧାନ ଶିକ୍ଷକଙ୍କ ପରାମର୍ଶରେ ରୂପାୟନ ପାଇଁ ପ୍ରସ୍ତୁତ କରିବା।
- ❖ ଜିଲ୍ଲା କମିଟିକୁ ମାସିକ ରିପୋର୍ଟ ପଠାଇବା।
- ❖ ଜିଲ୍ଲା କମିଟି ସହିତ ଯୋଗାଯୋଗ ରଖି ଜିଲ୍ଲାସ୍ତରୀୟ ସାଧାରଣ କାର୍ଯ୍ୟକ୍ରମ ସ୍ଥିର କରିବା।

ରାଜ୍ୟ ତଥା ଜାତୀୟ ସ୍ତରରୁ ଇକୋକ୍ଲବ୍ ଗୁଡିକୁ ଆର୍ଥିକ ସୁବିଧା ସୁଯୋଗ ଯୋଗାଇଦେବା ସହ ଜିଲ୍ଲା ସ୍ତରରେ ଏହାକୁ ପର୍ଯ୍ୟାଲୋଚନା, ସୁପରିଚାଳନା କରିବା ପାଇଁ ମଧ୍ୟ ଆର୍ଥିକ ସାହାଯ୍ୟ ଯୋଗାଇଦେବାର ବ୍ୟବସ୍ଥା ରହିଛି।

ଆଶା କରାଯାଏ, ଆଗାମୀ ଦିନମାନଙ୍କରେ ଜାତୀୟ ସବୁଜ ବାହିନୀର କାର୍ଯ୍ୟକଳାପ ଛାତ୍ରଛାତ୍ରୀ ତଥା ଜନସାଧାରଣମାନଙ୍କର ମନରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ। ତାହା ହିଁ ଆମର ସ୍ୱପ୍ନର ଭାରତ ଗଠନ ଦିଗରେ ଏକାନ୍ତ ସହାୟ ହେବ, ଏହା ନିଃସନ୍ଦେହ।

## ANNUAL REPORT FORMAT FOR DIMC

1. Name of the District:
2. Composition of DIMC

| S.N. | Members | Department/NGO | Designation |
|---|---|---|---|
| | | | |
| | | | |

* extended rows as required

a. Details on the programme plan as per the academic year (target, activities, timeline etc.) in the district:

b. List of schools in the district with details on eco clubs formed:

c. Details on the teacher training organized (date, number of teachers trained and attach brief minutes of the programme)

d. Number of schools/ eco clubs physically monitored and feed back:

e. List of best teachers and best eco clubs selected in the district:

f. School grant disbursement details:
   - i) Date of disbursal completion:
   - ii) Number of schools:

g. Summary based on compilation of school reports:
   - i) Total no. of students participating in eco activities
   - ii) No. of schools taking up sustainable actions
   - iii) Schools with demonstration of sustainable practices in school
   - iv) Attach case studies of 10 schools doing exceptional work (innovative, sustainable, need based, community linkages etc.)

h. Details of district level event organized:

Date                                        Signature of DIMC chairperson:

## ANNUAL REPORT FORMAT FOR ECO-CLUB

This annual report is to be submitted to the State Nodal Agency with a copy to concerned District Implementation and Monitoring Committee by each eco-club along with the **Utilization Certificate as per OGFR-7 by 15th of April.**

**Details of the school:**

| | |
|---|---|
| Name of the school | |
| Strength/ Enrolment of the school (Boys, Girls) | |
| Medium of instruction | |
| Complete postal address (with e-mail, phone number etc.) | |

**About NGC:**

- ❖ Name of the teacher in-charge:
- ❖ Participation in orientation/ training programme (yes/no, if yes date):

**Eco club details:**

- ❖ Eco club formed on (date):
- ❖ Number of students in Eco club (Boys, Girls):

**Support received:**

- ❖ Resource/ Education materials received:
- ❖ Comments or remarks on the material:
- ❖ Grant of received amount and date:
- ❖ External support, additional grant etc. received by the school for strengthening the eco club activities:

**Details of monitoring visits happened (by NGO, DIMC, and Resource Agency etc.):**

**Details of participation of eco club in any events/ competitions:**

**Details on eco club activities (Enclose the minutes):**

❖ Number of eco club meetings held and frequency

| Task/ activity | Date/ duration | Details (main components, number of students participated etc.) | Outcomes/ learning / remarks etc. (Include measurable impact of the activity in environmental improvement – amount of water conserved, electricity saved, raising awareness etc.) |
|---|---|---|---|
| * Level 1- Awareness activities (rally, competitions, debates, quiz, film show, talks by experts, observation of environment days, puppetry, street play etc.) | | | |
| | | | |
| *Level 2- Observation and documentation (survey, data collection, record keeping, analysis, presentation, bulletin board, exhibition, excursion etc.) | | | |
| | | | |
| * Level 3- Action projects (vermin-composting, planting and protecting native species, infrastructural improvement such as water, sanitation facilities etc.) | | | |
| | | | |

* Activities shown are only indicative; the schools are encouraged to innovate.

Over all feed back on the programme:

Attach relevant photographs, newspaper clippings etc.

**Signature of the**
**Eco club In-Charge:**
Date:

**Signature of the**
**Head of the Institution with seal:**
Station:

# ECO-CLUB MONITORING FORMAT

This format is to be used by the DIMC representative. Separate copy is to be used for monitoring of each eco-club and submit a copy of each to the Nodal Agency. Photographs & success stories may be attached if collected.

**Details of the school visited:**

Name of the school, address:

Strength of the school (Boys, Girls):

Medium of instruction:

Name of the teacher in-charge & contact No.:

Participation of teacher in orientation programme (yes/no, if yes date):

**Eco club details:**

Eco club formed on (date):

Frequency of eco club meetings:

Number of meetings held so far:

**Support received:**

Resource/Education materials received:

Use of the resource material:

Grant of received amount and date:

External support, grant etc. received by the school:

**Eco club details:**

Eco club formed on (date):

Number of students in eco club (Boys, Girls):

**Details of participation of eco club in any events/competitions:**

| Activity | Date and duration | Number of students, community etc. | Details (Include impact in terms of change) |
|---|---|---|---|
| | | | |

**Activities under plan:**

| Proposed date | Activity planned | Number of students to be involved, community involvement etc. |
|---|---|---|
| | | |

Interaction with the teachers and eco club members:

Signature of the person monitoring

Date:

Signature of the Head Master

# PHOTOGRAPHS OF DIFFERENT ACTIVITIES ON ENVIRONMENT CONSERVATION



*Drawing Competition*



*Quiz Competition*



*Awareness Rally*



*Cleanliness Drive*




*Model Competition*



*Plantation Drive*



*Nature Camp*



*Awareness Meeting*

# IMPORTANT DAYS FOR CELEBRATIONS BY ECO-CLUBS

**Date:** $24^{th}$ January - **International Day of Education**

**Objectives:**

The United Nations General Assembly (UNGA) in December, 2018 proclaimed the celebration of this day **to mark the importance of education in ensuring peace and development**. The United Nations declared this special day to empower all countries to increase their political commitment to education so that all children and youth may receive the benefits of a full education.

**Date:** $2^{nd}$ February - **World Wetlands Day**

**Objectives:**

World Wetlands Day aims **to raise global awareness about the vital role of wetlands for people and planet**. The Day also marks the date of the adoption of the Convention on Wetlands on 2 February 1971, in the Iranian city of Ramsar on the shores of the Caspian Sea.

**Date:** $28^{th}$ February - **National Science Day**

**Objectives:**

National Science Day commemorates the discovery of the Raman Effect by Dr. C.V. Raman, for which he won the Nobel Prize in Physics. National Science Day's main objective is to increase awareness among people about the importance of science and technology in their lives.

**Date:** $3^{rd}$ March - **World Wildlife Day**

**Objectives:**

World Wildlife Day is an opportunity to celebrate the many beautiful and varied forms of wild fauna and flora and to raise awareness of the multitude of benefits that their conservation provides to people.

**Date:** $20^{th}$ March - **World Sparrow Day**

**Objectives:**

World Sparrow Day is a day designated to raise awareness of the housesparrow and other common birds to urban environments, and of threats to their populations and their conservation.

**Date:** 21st March - **International Day of Forests**

**Objectives:**

In November 1971, the "States members" at the 16th session of the Conference of the Food and Agriculture Organization, voted to establish "International Day of Forests" on March 21st of each year. On this day, various events are being organised to raise awareness of the importance of all types of forests, and trees outside forests, for the benefit of current and future generations.

**Date:** 22nd March - **World Water Day**

**Objectives:**

World Water Day is observed to promote the responsible use of water and access to safe water for everyone.

**Date:** 18th April - **World Heritage Day**

**Objectives:**

World Heritage Day encourages us to celebrate all the world's cultures, and to bring awareness to important cultural monuments and sites, and to espouse the importance of preserving the world's cultures.

**Date:** 22nd April - **Earth Day**

**Objectives:**

Earth Day aims to "build the world's largest environmental movement to drive transformative changes for people and the planet." The movement's mission is "to diversify, educate and activate the environmental movement worldwide."

**Date:** 22nd May - **International Day for Biological Diversity**

**Objectives:**

The United Nations has proclaimed May 22nd as International Day for Biological Diversity (IDB) to increase understanding and awareness of biodiversity issues. The International Day for Biological Diversity falls within the scope of the UN Post-2015 Development Agenda's Sustainable Development Goals. In this larger initiative of international cooperation, the topic of biodiversity concerns stakeholders in sustainable agriculture; desertification, land

degradation and drought; water and sanitation; health and sustainable development; energy; science, technology and innovation, knowledge-sharing and capacity-building; urban resilience and adaptation; sustainable transport; climate change and disaster risk reduction; oceans and seas; forests; vulnerable groups including indigenous peoples; and food security.

**Date:** 23rd May - **World Turtle Day**

**Objectives:**

The purpose of celebrating World Turtle Day is to bring attention to, and increase knowledge of and respect for, turtles and tortoises, and encourage human action to help them survive and thrive.World Turtle Day is an annual event that has been taking place since 2000. The day was created as an annual observance to help people celebrate and protect turtles and tortoises and their disappearing habitats around the world.

**Date:** 5th June - **World Environment Day**

**Objectives:**

World Environment Day (WED) is celebrated annually is the United Nations' principal vehicle for encouraging awareness and action for the protection of the environment. First held in 1974, it has been a platform for raising awareness on environmental issue such as marine pollution, human overpopulation, global warming, sustainable consumption and wildlife crime. Each year, the program has provided a theme to advocate environmental causes.

**Date:** 8th June - **World Oceans Day**

**Objectives:**

World Oceans Day reminds every one of the major roles the oceans have in everyday life. They are the lungs of our planet and a major source of food and medicine and a critical part of the biosphere.

The purpose of the Day is to inform the public of the impact of human actions on the ocean, develop a worldwide movement of citizens for the sustainable management of the world's oceans.

**Date:** 17$^{th}$ June - **World Day to Combat Desertification & Drought**

**Objectives:**

The objectives of Desertification and Drought Day is to promote public awareness of the issue; to let people know that desertification and drought can be effectively tackled, that solutions are possible, and that key tools to this aim lay in strengthened community participation and cooperation at all levels; and to strengthen implementation of the United Nations Convention to Combat Desertification in those countries experiencing serious drought and/or desertification.

**Date:** 1$^{st}$ -7$^{th}$ of July - **Vanmahotsava Week**

**Objectives:**

Its purpose is to raise awareness of the menace of desertification and drought, highlighting methods of preventing desertification and recovering from drought.

Van Mahotsava or Forest Festival is an annual tree-planting festival celebrated in the month of July in which large number of trees are planted all over the country. Van Mahotsav week is celebrated from 1$^{st}$ July to 7$^{th}$ July to spread awareness of forest conservation, its rejuvenation and to save the environment. The Van Mahotsava week is a reminder that we must protect forests and stop deforestation and practice the 3R rule- Reduce, reuse and recycle.

**Date:** 3$^{rd}$ July - **International Plastic Bag Free Day**

**Objectives:**

It was created as a worldwide initiative for the purpose of getting rid of the single-use of plastic bags around the world. It is all about promoting environmental conservation by encouraging us all to stay away from the use of plastic bags and instead look for more eco-friendly alternatives. International Plastic Bag Free Day gives us an opportunity to remind ourselves, and others, that every action we take, and every plastic bag we dispose of, effects the lives of everyone in the world for generations to come.

**Date:** 26th July - **International Day for the Conservation of the Mangrove Ecosystem**

**Objectives:**

The day was designated by United Nations Educational, Scientific & Cultural Organisation (UNESCO) in 2015 to raise awareness on the integral role of mangrove ecosystems as unique, special and vulnerable ecosystems, and to promote solutions for their conservation, sustainable management and utility. This day is a reminder of the pivotal role of mangroves in preserving ecosystems.

**Date:** 28th July - **World Nature Conservation Day**

**Objectives:**

The day is celebrated to spread awareness to preserve our natural resources. Today nature is facing a lot of challenges like deforestation, urbanization, the loss of flora and fauna, global warming among other things. The purpose of this day is to create awareness about the need to preserve the environment and natural resources in order to keep the world healthy.

**Date:** 29th July - **International Tiger Day**

**Objectives:**

International Tiger Day, is celebrated to raise awareness for tiger conservation. It was created in 2010 at the Saint Petersburg Tiger Summit in Russia. The goal of the day is to promote a global system for protecting the natural habitats of tigers and to raise public awareness and support for tiger conservation issues.

**Date:** 10th August - **World Lion Day**

**Objectives:**

The day is celebrated annually throughout the world as a day to commemorate the 'king of the jungle' and raise awareness about the need for its conservation. Lions maintain the ecological balance and ensure the protection of natural forests and help in the conservation of biodiversity. According to the International Union for the Conservation of Nature, lions are a "vulnerable" species,

meaning that their numbers could and should be higher. World Lion Day, therefore, is an opportunity for lion lovers all over the planet to push back against the decline in the range and habitat of the king of beasts.

**Date:** 12th August - **World Elephant Day**

**Objectives:**

World Elephant Day is celebrated every year on August 12th to help elephants and raise awareness about the importance of elephant survival, help protect elephants for maintaining the biodiversity of forests and dedicated to the preservation and protection of the world's elephants.

**Date:** 16th September - **International Day for the Preservation of the Ozone Layer**

**Objectives:**

16th September, 1994 was declared as the International Day for the Preservation of the Ozone Layer by the United Nations General Assembly (UNGA). The day marks the signing of the Montreal Protocol on Substances that deplete the Ozone Layer, in 1987, to preserve the ozone layer and prevent further damage to it.Its principal aim is to protect the ozone layer by taking measures to control total global production and consumption of substances that deplete it, with the ultimate objective of their elimination on the basis of developments in scientific knowledge and technological information.

**Date:** 3rd Saturday of September-**International Coastal Clean-up Day**

**Objectives:**

International Coastal Cleanup Day is observed to conserve and protect the oceans and beaches. The objective of this day is to increase public awareness about the accumulation and negative impacts of litter in oceans, on coastlines and on beaches and to aware people about marine pollution and its effects.

**Date:** 21st September - **Zero Emission Day**

**Objectives:**

Zero Emissions Day is observed every year to give our planet a break from burning of fossil fuels for a day. The aim is to raise awareness about the harm caused by carbon emissions and to engage people towards more climate-friendly choices in their personal life.

**Date:** 28th September - **Green Consumer Day**

**Objectives:**

Green Consumer Day focuses primarily on awareness raising and the importance of recycling-reusing and reducing waste material. The aim is to spread awareness to protect the environment by selectively purchasing green products or services

**Date:** 2nd - 8th of October - **Wildlife Week**

**Objectives:**

The aim is to make people more aware of the conservation and protection of the wild life. To focus the people's attention towards the importance of conservation of the wild life. To implement more services to preserve the wild life.

**Date:** 4th October - **World Animal Welfare Day**

**Objectives:**

The main aim is to raise the status of animals and help improve their welfare standards across the globe.

**Date:** 24th October - **International Day of Climate Action**

**Objectives:**

This day is celebrated with the aim of sensitizing citizens and the states to take action to combat climate change and its impacts.According to UNDP, climate action "means stepped-up efforts to reduce greenhouse gas emissions and strengthen resilience and adaptive capacity to climate-induced impacts, including: climate-related hazards in all countries; integrating climate change measures into national policies, strategies and planning; and improving education, awareness-raising and human and institutional capacity

with respect to climate change mitigation, adaptation, impact reduction and early warning."

**Date:** 2nd December - **National Pollution Prevention Day**

**Objectives:**

National Pollution Prevention Day is observed annually on December 2nd to remember the people who lost lives during 1984 Bhopal Gas Tragedy.Its main objective is "To spread awareness on managing and controlling industrial disasters; To prevent the pollution produced by industrial processes or human negligence; To make people and industries aware about the importance of pollution control acts."

**Date:** 14th December - **National Energy Conservation Day**

**Objectives:**

This day is celebrated to highlight the importance of energy consumption and its use in our day-to-day life, its scarcity and its impact on sustainability of global eco systems.The objective of celebrating the National Energy Conservation Day is to drive mass awareness about the importance of energy efficiency and conservation, decision and practice of using the energy moderately and judiciously.



## ବିଶ୍ୱର ମଙ୍ଗଳ ସଭିଁଙ୍କ ହିତ, ଏଥିରେ କମିବ ବାୟୁ ଉତ୍ତାପ ।
## ଏତକ କଥାକୁ କରିଲେ ଦୀକ୍ଷା, ଆଗାମୀ ପିଢ଼ିଙ୍କ ହେବ ସୁରକ୍ଷା ।





# Say NO to Single-Use Plastics

ପ୍ଲାଷ୍ଟିକ୍ ଭଲ ଯେତେ, ଭେଲ ତା'ଠାରୁ ଅଧିକ । ସମସ୍ତ କୁପ୍ରଭାବସତ୍ତ୍ୱେ ଆମର ଦୈନନ୍ଦିନ ଜୀବନଯାପନ ପ୍ରଣାଳୀରେ ପ୍ଲାଷ୍ଟିକ୍ ବ୍ୟବହାର ଅପରିହାର୍ଯ୍ୟ ହୋଇପଡ଼ିଛି । ଦୁର୍ଭାଗ୍ୟବଶତଃ, ପ୍ଲାଷ୍ଟିକ୍ ଏକ ପେଟ୍ରୋଲଜାତ ଜୈବ ବିଘଟନ ଅକ୍ଷମ ପଦାର୍ଥ ହୋଇଥିବାରୁ ଏହା ସଂପୂର୍ଣ୍ଣ କ୍ଷୟ ହେବା ପାଇଁ ବର୍ଷ ବର୍ଷ ସମୟ ଲାଗିଥାଏ । ଏହି ଜୈବ ବିଘଟନ ଅକ୍ଷମ ଗୁଣ ଯୋଗୁଁ, ଖଣ୍ଡ ବିଖଣ୍ଡିତ ପ୍ଲାଷ୍ଟିକ୍, ଅନେକ ବର୍ଷ ପର୍ଯ୍ୟନ୍ତ ପରିବେଶରେ କୁଢ଼ କୁଢ଼ ଜମା ହୋଇ ରୁହେ । ନାଳ, ନର୍ଦ୍ଦମାରେ ଜମା ହୋଇ ବର୍ଜ୍ୟ ଜଳ ନିଷ୍କାସନରେ ବାଧା ସୃଷ୍ଟି କରେ । ନଦୀ, ସମୁଦ୍ରକୁ ଭାସିଯାଇ ପ୍ରଦୂଷଣର କାରକ ହୁଏ । ସହଜରେ ଅବକ୍ଷୟ ହେଉ ନଥିବା କାରଣରୁ, ମାଟିରେ ପୋତି ହୋଇ ବର୍ଷା ଜଳକୁ ମାଟିତଳକୁ ଭେଦିବାକୁ ବାଧା ଦିଏ ।

ସବୁଠାରୁ ଅଧିକ ବିପଜ୍ଜନକ ହେଉଛି "ସିଙ୍ଗିଲ୍ ୟୁଜ୍ ପ୍ଲାଷ୍ଟିକ୍" (ଏକକ ବ୍ୟବହୃତ ପ୍ଲାଷ୍ଟିକ୍), ଯାହାକୁ ଥରେ ମାତ୍ର ବ୍ୟବହାର କରି ଫିଙ୍ଗି ଦିଆଯାଏ ଏବଂ ଏହାର ପୁନଃ ବ୍ୟବହାର ବା ପୁନଃ ଚକ୍ରଣ ସମ୍ଭବ ନୁହେଁ । ତନ୍ମଧ୍ୟରେ ରହିଛି, ପତଳା ପଲିଥିନ୍ ବ୍ୟାଗ୍, ତେଜରାତି ଜରିମୁଣା, ଖାଦ୍ୟ ଆବରକ ସାମଗ୍ରୀ, ପ୍ଲାଷ୍ଟିକ୍ ଥାଳି, ଗ୍ଲାସ୍, କପ୍, ଚାମଚ, ପାଣି ବୋତଲ, ପାଉଚ୍ ଇତ୍ୟାଦି ।

ଆମ ରାଜ୍ୟକୁ ସ୍ୱଚ୍ଛ ଓ ସୁସ୍ଥ ରାଜ୍ୟ ଗଢ଼ିବାରେ ସମସ୍ତ ଇକୋ-କ୍ଲବ ତଥା ଅନ୍ୟାନ୍ୟ ସ୍କୁଲ୍, କଲେଜ ଓ ଜନସାଧାରଣଙ୍କ ବିଶେଷ ଭୂମିକା ରହିଛି । ତେଣୁ ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଆଜିଠାରୁ ସିଙ୍ଗିଲ୍ ୟୁଜ୍ ପ୍ଲାଷ୍ଟିକ୍‌ର ବ୍ୟବହାରକୁ ନିଷେଧ କରି ଏକ ଉତ୍ତମ ଓ ସୁସ୍ଥ ପରିବେଶ ଗଠନ କରିବା । ସମସ୍ତଙ୍କୁ ନିବେଦନ ଯେ, ପ୍ଲାଷ୍ଟିକ୍ ପ୍ରଦୂଷଣ ର ଏକ ଅଂଶ ହୁଅନ୍ତୁ ନାହିଁ ବରଂ ଏହାର ସମାଧାନ ର ଏକ ଅଂଶ ହୁଅନ୍ତୁ ।







ପଲିଥିନ୍ ବ୍ୟାଗ୍ | ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ଓ ଥର୍ମୋକୁଲ ଦ୍ୱାରା ନିର୍ମିତ ସାମଗ୍ରୀ | ପଲିଥିନ୍ ପାଣି ପାଉଚ୍ | ୨୦୦ ମିଲି କ୍ଷମତାରୁ କମ୍ ପାଣି ବୋତଲ | ଥର୍ମୋକୁଲ ସାଜସଜ୍ଜା ସାମଗ୍ରୀ

ଆସନ୍ତୁ ସିଙ୍ଗିଲ୍ ୟୁଜ୍ ପ୍ଲାଷ୍ଟିକ୍‌ର ବ୍ୟବହାରକୁ ରୋକିବା ପାଇଁ ହାତ ମିଳାନ୍ତୁ

Save Earth


**State Nodal Agency:**

**Centre for Environmental Studies (CES)**

Dept. of Forest, Env. & Climate Change, Govt. of Odisha
CRP-Ekamrakanan Road, Nayapalli, Bhubaneswar-15
Tel.: 0674-2551853, Email: cesodisha@gmail.com
Website: www.cesodisha.org / www.ecoclubodisha.org
Follow us at @CESOdishaGovt on Facebook & Twitter


National Green Corps "Ecoclub" Programme